# Joint Call on Prime Minister by National Security Advisers / Secretaries of Security Councils attending the "Delhi Regional Security Dialogue on Afghanistan”

November 10, 2021

## ଆଫଗାନିସ୍ତାନ ପ୍ରସଙ୍ଗ ଉପରେ ଦିଲ୍ଲୀରେ ଅନୁଷ୍ଠିତ ଆଞ୍ଚଳିକ ସୁରକ୍ଷା ଆଲୋଚନାରେ ଯୋଗଦେଇଥିବା ଜାତୀୟ ସୁରକ୍ଷା ପରାମର୍ଶଦାତା / ସୁରକ୍ଷା ପରିଷଦର ସଚିବମାନେ ପ୍ରଧାନମନ୍ତ୍ରୀଙ୍କୁ ଏକାଠି ସାକ୍ଷାତ କରିଛନ୍ତି

**ନଭେମ୍ବର 10, 2021**

ଆଜି ଜାତୀୟ ସୁରକ୍ଷା ପରାମର୍ଶଦାତା ଶ୍ରୀ ଅଜିତ ଡୋଭାଲଙ୍କ ଦ୍ୱାରା ଆୟୋଜିତ ଆଫଗାନିସ୍ତାନ ପ୍ରସଙ୍ଗ ଉପରେ ଆଞ୍ଚଳିକ ସୁରକ୍ଷା ଆଲୋଚନା ପାଇଁ ଦିଲ୍ଲୀ ଆସିଥିବା ସାତୋଟି ରାଷ୍ଟ୍ରର ଜାତୀୟ ସୁରକ୍ଷା ପରିଷଦର ମୁଖ୍ୟମାନେ ଏହି ଆଲୋଚନା ସମାପ୍ତ ହେବା ପରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କୁ ଏକାଠି ସାକ୍ଷାତ କରିଥିଲେ।

ନିଜ ମନ୍ତବ୍ୟରେ ଇରାନ, କାଜାଖସ୍ତାନ, କିର୍ଗିଜସ୍ତାନ, ଋଷ, ତାଜିକିସ୍ତାନ, ତୁର୍କମେନିସ୍ତାନ ଏବଂ ଉଜବେକିସ୍ତାନକୁ ପ୍ରତିନିଧିତ୍ୱ କରୁଥିବା ବରିଷ୍ଠ ସୁରକ୍ଷା ଅଧିକାରୀମାନେ ଏହି ଆଲୋଚନା ଆୟୋଜନ ତଥା ଆଦାନପ୍ରଦାନର ଗୁଣବତ୍ତା ପାଇଁ ଭାରତର ପଦକ୍ଷେପକୁ ପ୍ରଶଂସା କରିଥିଲେ। ଆଫଗାନିସ୍ତାନ ପରିସ୍ଥିତି ଉପରେ ସେମାନେ ନିଜ ଦେଶର ଦୃଷ୍ଟିକୋଣ ମଧ୍ୟ ଜଣାଇଥିଲେ।

ମହାମାରୀ ସତ୍ତ୍ୱେ ଏହି ଆଲୋଚନାରେ ବରିଷ୍ଠ ବ୍ୟକ୍ତିବିଶେଷଙ୍କ ଅଂଶଗ୍ରହଣକୁ ପ୍ରଧାନମନ୍ତ୍ରୀ ପ୍ରଶଂସା କରିଥିଲେ।

ଆଫଗାନିସ୍ତାନ ପ୍ରସଙ୍ଗରେ ସେ ଗୁରୁତ୍ୱାରୋପ କରି କହିଥିଲେ ଯେ ଏହି ଅଞ୍ଚଳର ଦେଶଗୁଡିକ ଚାରୋଟି ଦିଗ ଉପରେ ଧ୍ୟାନ ଦେବା ଆବଶ୍ୟକ: ଏକ ଅନ୍ତର୍ଭୁକ୍ତ ସରକାରର ଆବଶ୍ୟକତା; ଆତଙ୍କବାଦୀଙ୍କ ଦ୍ୱାରା ଆଫଗାନିସ୍ତାନ ଅଞ୍ଚଳ ବ୍ୟବହାରକୁ ନେଇ ଶୂନ୍ୟ ସହନଶୀଳତା ନୀତି; ଆଫଗାନିସ୍ତାନରୁ ନିଶାଦ୍ରବ୍ୟ ଓ ଅସ୍ତ୍ର କାରବାରକୁ ରୋକିବା ପାଇଁ ରଣନୀତି; ଏବଂ ଆଫଗାନିସ୍ତାନରେ ଦିନକୁ ଦିନ ଜଟିଳ ହେଉଥିବା ମାନବିକ ସଙ୍କଟକୁ ସମାଧାନ କରିବା।

ପ୍ରଧାନମନ୍ତ୍ରୀ ମଧ୍ୟ ଆଶା ପ୍ରକଟ କରିଥିଲେ ଯେ ଆଞ୍ଚଳିକ ସୁରକ୍ଷା ଆଲୋଚନା ମଧ୍ୟ ଏସିଆର ସଂଯମ ଓ ପ୍ରଗତିଶୀଳ ସଂସ୍କୃତିର ପରମ୍ପରାକୁ ପୁନର୍ଜୀବିତ କରିବା ଓ ଉଗ୍ରବାଦୀ ପ୍ରବୃତ୍ତିକୁ ପ୍ରତିହତ କରିବା ପାଇଁ କାର୍ଯ୍ୟ କରିବ।

**ନୂଆଦିଲ୍ଲୀ**

**ନଭେମ୍ବର 10, 2021**

DISCLAIMER: This is an approximate translation. The original is available in English on MEA’s website and may be referred to as the official press release.